## ଗ୍ୟାସ୍ ସିଲିଣ୍ଡର ନେଇ ଯାଉଥିବା ଗାଡ଼ି ଲୁଟି ନେଲେ ମାଓବାଦୀ

ମାଲକାନଗିରି, ୧୨ (ଡି.ଏନ.ଏ.): ଏକ ଏଲପିଜି ଗ୍ୟାସ ସିଲିଣ୍ଡର ଭର୍ତ୍ତି ବୋଲେରୋକୁ ମାଓବାଦୀମାନେ ସୋମବାର ସନ୍ଧ୍ୟାରେ ଲୁଟ୍ କରି ନେଇଛନ୍ତି। ଏହାକୁ ମଙ୍ଗଳବାର ପୋଲିସ ଜବତ କରିଛି। ଖବରରୁ ଜଣାପଡିଛି, ସୀମାନ୍ତ ଛତିଶଗଡର ସୁକୁମା ଅଞ୍ଚଳର କତାଚେରୁ ନିକଟରେ କର୍ମଚାରୀ ଗ୍ୟାସ୍ ସିଲିଣ୍ଡର ବିତରଣ ପାଇଁ ଯାଉଥିଲେ। ଏହି ସମୟରେ ସଶସ୍ତ୍ର ମାଓବାଦୀମାନେ ପହଞ୍ଚି ସେମାନଙ୍କୁ ମାଡ଼ ମାରି ସିଲିଣ୍ଡର ଭର୍ତ୍ତି ଗାଡିକୁ ନେଇଯାଇଥିଲେ। ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ସ୍ଥାନକୁ ପୋଲିସ ଓ ଡିଆରଜି ସୁରକ୍ଷା କର୍ମୀଙ୍କୁ ପଠାଯାଇଥିଲା। ଦୀର୍ଘ ସମୟ ଧରି ସର୍ଚ୍ଚ ଅପରେଶନ ପରେ ନାଗାରାମ ଜଙ୍ଗଲରୁ ଗ୍ୟାସ ଭର୍ତ୍ତି ସିଲିଣ୍ଡର ଗାଡିକୁ ଉଦ୍ଧାର କରାଯାଇଥିଲା। ସମ୍ପୃକ୍ତ ଅଞ୍ଚଳରେ ଯବାନମାନେ ସର୍ଚ୍ଚ ଅପରେଶନ ଜାରି ରଖିଥିବା ସୁକୁମା ଏସ୍‌ପି ସୁନିଲ ଶର୍ମା କହିଛନ୍ତି।

# ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

ନଥି ସଂ. IX (D)-04/2021-173 ତା–26.03.2021

No.V–51:– ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୯ (୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା- ଆୟୋ,** ଥାନା– ନନ୍ଦିପଦା, ତହସିଲ– ହାଟଡିହି, ଜିଲ୍ଲା– କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା– ବୈତରଣୀ ନଦୀର ବାମ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୧୨୭ ତା–୧୯।୦୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା- ଆୟୋ,** ଥାନା– ନନ୍ଦିପଦା, ଜିଲ୍ଲା– କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.revenueodisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

### ତଫସିଲ - କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା– କେନ୍ଦୁଝର ତହସିଲ– ହାଟଡିହି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଆୟୋ | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ ୨୬.୭୮୮ | ଏ ୧୪.୪୬ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

### ତଫସିଲ - ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା– କେନ୍ଦୁଝର ତହସିଲ– ହାଟଡିହି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ– ୨୫।୦୧।୨୦୧୯ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ, କେନ୍ଦୁଝର**

## ଭୂମି ଅନୁସୂଚୀ

ପ୍ରକଳ୍ପର ନାମ– ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ
**ମୌଜା:- ଆୟୋ, ଥାନା:- ନନ୍ଦିପଦା-୧୮୧, ତହସିଲ:- ହାଟଡିହି, ଭୂ- ଅର୍ଜନ ମାମଲା ସଂ:- ୧୧/୨୦୧୮**

| କ୍ରମିକ ନଂ. | ଖାତା ନଂ. | ରୟତଙ୍କ ନାମ | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୯ | କୃଷ୍ଣ ଚନ୍ଦ୍ର କର, ଉପେନ୍ଦ୍ର କର, ହରି କର, ପି- ଅର୍ଜୁନ କର, ନାରାୟଣ କର, ପି–ଚକ୍ରଧର କର, ଜା– ବ୍ରାହ୍ମଣ, ବା– ଲଇଛଣପୁର | ୨୨ | ପାଳ–୨ | ୦.୨୦ | ୦.୦୮ | |
| ୨ | ୧୯ | ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ପି– ହରି ଦାସ, ସୁରେନ୍ଦ୍ର କୁମାର ଦାସ, ପି– ଗୋବିନ୍ଦ ଦାସ, ରାମ ଚନ୍ଦ୍ର ଦାସ, ପି– ଅର୍ଜୁନ ଦାସ, ନିତ୍ୟାନନ୍ଦ ଦାସ, ପି– ବନମାଳି ଦାସ, ପୁନି ଦାସ, ସ୍ୱା– ବନମାଳି ଦାସ, ଲକ୍ଷ୍ମୀଧର ଦାସ, ଆସିଲି ଦାସ, ଚାନ୍ଦ ଦାସ, ପି– ଭୀମ ଦାସ, ଦୂତି ଦାସ, ସ୍ୱା– ଭୀମ ଦାସ, ପଦ୍ମଲାଭ ଦାସ, ପି– ଭାଗୀରଥି ଦାସ, ଜା– ବ୍ରାହ୍ମଣ, ବା– ନିଜଗାଁ | ୯୪ | ବାଜେଫସଲ –୧ | ୦.୧୯ | ୦.୧୦ | |
| ୩ | ୬୩ | ଲକ୍ଷ୍ମୀଧର ପଣ୍ଡା, ରାଧା ଦାସ, ପି– ପରମାନନ୍ଦ ପଣ୍ଡା, ସାର ପଣ୍ଡା, ସ୍ୱା– ପରମାନନ୍ଦ ପଣ୍ଡା, ଜା– ବ୍ରାହ୍ମଣ, ବା– ନିଜଗାଁ | ୫୦୩ | ବଗାୟତ–୨ | ୦.୨୦ | ୦.୨୦ | |
| ୪ | ୬୯ | ଶ୍ରୀ ଗୋପୀନାଥ ଜିଉ ବିଜେ ନିଜଗାଁ ମାର୍ଫତ୍– ଭୂୟାଁ ଶରତ ଚନ୍ଦ୍ର ବିଦ୍ୟାଧର ମଙ୍ଗରାଜ ମହାପାତ୍ର, ପି– ପୂର୍ଣ୍ଣଚନ୍ଦ୍ର ବିଦ୍ୟାଧର ମଙ୍ଗରାଜ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ଆୟୋ | ୧୧ | ପାଳ–୨ | ୦.୩୩ | ୦.୧୫ | |
| ୫ | ୭୬ | ଅପର୍ତି ପାତ୍ର, ଧ୍ରୁବ ପାତ୍ର, ପି– ଅଇଁଠୁ ପାତ୍ର, ବୈଷ୍ଣବ ପାତ୍ର, ଭରତ ପାତ୍ର, ପି– ଅଗଣି ପାତ୍ର, ଘନଶ୍ୟାମ ପାତ୍ର, ଅନାମ ଚରଣ ପାତ୍ର, ପି– ରାମ ଚନ୍ଦ୍ର ପାତ୍ର, ଜା– ମହାଲାଏକ, ବା– ନିଜଗାଁ | ୩୦୦<br>୩୦୧<br>୩୦୨ | ପାଳ–୩<br>ପାଳ–୩<br>ପାଳ–୩ | ୦.୨୦<br>୦.୨୧<br>୦.୨୮ | ୦.୧୦<br>୦.୦୯<br>୦.୧୨ | |
| ୬ | ୯୦ | ଉପେନ୍ଦ୍ର ପଣ୍ଡା, ପି– ଶୁକଦେବ ପଣ୍ଡା, ଜା– ବ୍ରାହ୍ମଣ, ବା– ନିଜଗାଁ | ୨୩ | ପାଳ–୨ | ୦.୧୮ | ୦.୦୯ | |
| ୭ | ୯୫ | କାର୍ତ୍ତିକ ସାହୁ, ପି– ନାଭ ସାହୁ, ଜା– ଗୁଡିଆ, ବା– ନିଜଗାଁ | ୧୫୦୭ | ଘରବାରି | ୦.୧୩ | ୦.୦୨ | |
| ୮ | ୧୦୫ | କିଶୋର ଚନ୍ଦ୍ର ମହାପାତ୍ର, ରଘୁନାଥ ମହାପାତ୍ର, ଅଶୋକ କୁମାର ମହାପାତ୍ର, ପି– ବୈଷ୍ଣବ ଚନ୍ଦ୍ର ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୫୨୪/ ୨୯୪୧<br>୨୯୪୧/ ୨୯୯୪ | ଘରବାରି<br>ଘରବାରି | ୦.୦୩<br>୦.୧୬ | ୦.୦୩<br>୦.୦୭ | |
| ୯ | ୧୦୯ | କୃପାସିନ୍ଧୁ ଦାଶ, ପି– ଦିନା ଦାସ, ଶୋଭି ଦାସ, ସ୍ୱା– ଦିନା ଦାସ, ଜା– ଖଣ୍ଡାୟତ, ବା– ନିଜଗାଁ | ୫୩<br>୪୮୨ | ପାଳ–୨<br>ପାଳ–୩ | ୦.୨୨<br>୦.୧୩ | ୦.୨୨<br>୦.୧୩ | |
| ୧୦ | ୧୩୬ | ଗିରିଧାରୀ ମହାପାତ୍ର, ଶ୍ରୀନାଥ ମହାପାତ୍ର, ପି– ଅଇଁଠୁ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୭୯ | ବିଆଲି ଦୋଫସଲି | ୦.୪୦ | ୦.୩୫ | |
| ୧୧ | ୧୩୭ | ଗିରିଧାରୀ ମହାପାତ୍ର, ପି– ଅଇଁଠୁ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୨୯୮ | ପାଳ–୨ | ୦.୦୮ | ୦.୦୬ | |
| ୧୨ | ୧୩୯ | ଗୁନ ଦାସ, ପି– ଶଙ୍କର ଦାସ, ସୁକୁଟି ଦାସ, ମଙ୍ଗୁଲୁ ଦାସ, ପି– ଦୁଖା ଦାସ, ଜା– ପାଣ, ବା– ନିଜଗାଁ | ୯୫<br>୯୬<br>୯୮/ ୨୬୨୯<br>୯୮/ ୨୬୩୦ | ବାଜେଫସଲ –୧<br>ବାଜେଫସଲ –୧<br>ଶାରଦ–୧<br>ଶାରଦ– ୧ | ୦.୨୩<br>୦.୧୨<br>୦.୦୪<br>୦.୦୮ | ୦.୦୨<br>୦.୦୫<br>୦.୦୪<br>୦.୦୩ | |
| ୧୩ | ୧୫୭ | ଗୋଲକ ବିହାରୀ ପଟ୍ଟନାୟକ, ରାହସ ବିହାରୀ ପଟ୍ଟନାୟକ, ପି– ବନମାଳୀ ପଟ୍ଟନାୟକ, ଜା– କରଣ, ବା– ନିଜଗାଁ | ୧୯୨<br>୯୩୦ | ବିଆଲି ଦୋଫସଲି<br>ବଗାୟତ– ୨ | ୦.୨୧<br>୦.୩୭ | ୦.୨୧<br>୦.୦୩ | |
| ୧୪ | ୧୫୯ | ଗୋଲେଖ ଚନ୍ଦ୍ର ମହାପାତ୍ର, ନିମାଇଁ ଚରଣ ମହାପାତ୍ର, ବିମଳ ଚରଣ ମହାପାତ୍ର, ପି– ରାଜକିଶୋର ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୭ | ପାଳ– ୨ | ୧.୨୨ | ୦.୬୪ | |
| ୧୫ | ୧୬୯ | ଚତୁର୍ଭୁଜ ମହାପାତ୍ର, ପି– ନିଶାକର ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୪୭୯ | ବାଜେଫସଲ –୧ | ୦.୨୭ | ୦.୧୮ | |
| ୧୬ | ୧୭୮ | ଜଗବନ୍ଧୁ ପଣ୍ଡା, ପ୍ରାଣନାଥ ପଣ୍ଡା, ପ୍ରେମଲତା ପଣ୍ଡା, ପି– ଶଙ୍କର ପଣ୍ଡା, କୋକିଳ ପଣ୍ଡା, ସ୍ୱା– ଶଙ୍କର ପଣ୍ଡା, ଅନିରୁଦ୍ଧ ପଣ୍ଡା, ପି– ହରି ପଣ୍ଡା, ଜା– ବ୍ରାହ୍ମଣ, ବା– ବରେଶ୍ୱର | ୪୮୦<br>୨୯୩ | ପାଳ–୩<br>ପାଳ–୨ | ୦.୧୦<br>୦.୦୭ | ୦.୧୦<br>୦.୦୭ | |
| ୧୭ | ୧୮୩ | ଜୟକୃଷ୍ଣ ମହାପାତ୍ର, ପି– ଗୋବିନ୍ଦ ମହାପାତ୍ର, ଚତୁର୍ଭୁଜ ମହାପାତ୍ର, ପି– ନିଶାକର ମହାପାତ୍ର, ପୁରୁଷୋତ୍ତମ ମହାପାତ୍ର, ପି– ଶ୍ରୀକର ମହାପାତ୍ର, ଗିରିଧାରୀ ମହାପାତ୍ର ଶ୍ରୀନାଥ ମହାପାତ୍ର, ପି– ଅଇଁଠୁ ମହାପାତ୍ର, ଆନନ୍ଦ ଚନ୍ଦ୍ର ମହାପାତ୍ର, ପି– ବଂଶୀଧର ମହାପାତ୍ର, ଜା– ଚୁହାନ ଛତ୍ରି, ନାରାୟଣ ବେହେରା, ପି– ଚେମେଇ ବେହେରା, ରଘୁନାଥ ବେହେରା, ପି– ଭାଗବତ ବେହେରା, ଜା– ଓଡପଧାନ, ବା– ନିଜଗାଁ | ୯୨୧<br>୯୨୪<br>୯୨୫<br>୯୨୬<br>୯୩୧<br>୯୩୨<br>୯୩୩<br>୯୩୪ | ପାଳ–୩<br>ପାଳ–୩<br>ପାଳ–୩<br>ବଗାୟତ– ୨<br>ପାଳ–୩<br>ପାଳ–୩<br>ପତିତ<br>ପାଳ–୩ | ୦.୦୮<br>୦.୦୮<br>୦.୧୫<br>୦.୧୮<br>୦.୧୨<br>୦.୩୬<br>୦.୨୪<br>୦.୨୨ | ୦.୦୨<br>୦.୦୩<br>୦.୦୩<br>୦.୦୨<br>୦.୦୩<br>୦.୧୫<br>୦.୧୨<br>୦.୧୭ | |
| ୧୮ | ୧୮୭ | ଯୁଧିଷ୍ଠିର ମହାପାତ୍ର, ବାସୁଦେବ ମହାପାତ୍ର, ପି– ଗୋବର୍ଦ୍ଧନ ମହାପାତ୍ର, ବନମାଳି ମହାପାତ୍ର, ପି– କହ୍ନେଇ ମହାପାତ୍ର, ସନାତନ ମହାପାତ୍ର, ପି– ମାଗୁଣି ମହାପାତ୍ର, ନଟବର ମହାପାତ୍ର, ପି– ମଣି ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୮୮<br>୧୮୯<br>୯୩୫<br>୯୩୬ | ବିଆଲି ଦୋଫସଲି<br>ବିଆଲି ଦୋଫସଲି<br>ବଗାୟତ – ୩<br>ପାଳ– ୩ | ୦.୦୬<br>୦.୦୭<br>୦.୧୯<br>୦.୨୪ | ୦.୦୨<br>୦.୦୨<br>୦.୧୯<br>୦.୨୪ | |
| ୧୯ | ୧୮୮ | ଯୁଧିଷ୍ଠିର ମହାପାତ୍ର, ପି– ଗୋବର୍ଦ୍ଧନ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୫୨ | ବାଜେଫସଲ – ୧ | ୦.୧୭ | ୦.୦୩ | |
| ୨୦ | ୨୦୪ | ଦୁର୍ଯ୍ୟୋଧନ ପାତ୍ର, ପି– କାଙ୍ଗାଳି ପାତ୍ର, ଜା– ଖଣ୍ଡାୟତ, ବା– ନିଜଗାଁ | ୯୨୦ | ପାଳ–୩ | ୦.୫୭ | ୦.୩୦ | |
| ୨୧ | ୨୦୯ | ଦୋଳିଦ୍‌ଗୋବିନ୍ଦ ପାତ୍ର, ଘନଶ୍ୟାମ ପାତ୍ର, ଅନାମ ଚରଣ ପାତ୍ର, ପି– ରାମ ଚନ୍ଦ୍ର ପାତ୍ର, ଜା– ମହାଲଏକ, ବା– ନିଜଗାଁ | ୧୫୧୨ | ଘରବାରି | ୦.୦୬ | ୦.୦୪ | |
| ୨୨ | ୨୧୯ | ନଟବର ପାତ୍ର, ପି– ଚେମା ପାତ୍ର, ଜା– ମହାଲଏକ, ବା– ନିଜଗାଁ | ୧୫୧୪<br>୧୨୫ | ଘରବାରି<br>ବାଜେଫସଲ –୧ | ୦.୧୫<br>୦.୨୨ | ୦.୦୭<br>୦.୨୨ | |
| ୨୩ | ୨୫୨ | ନିଶାମଣି ମହାନ୍ତି, ପି– ବୈଷ୍ଣବ ମହାନ୍ତି, କୃଷ୍ଣ ଚନ୍ଦ୍ର ମହାନ୍ତି, ପି– ଗଙ୍ଗାଧର ମହାନ୍ତି, ଜା– କରଣ, ବା– ନିଜଗାଁ | ୫୦୦ | ପାଳ–୩ | ୦.୪୩ | ୦.୩୦ | |
| ୨୪ | ୨୬୦ | ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ପି– ବ୍ରଜ କିଶୋର ମହାପାତ୍ର, ରାହାସ ବିହାରୀ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୫୧୬<br>୧୫୧୭<br>୧୫୨୦ | ରାସ୍ତା<br>ଘରବାରି<br>ଘରବାରି | ୦.୦୫<br>୦.୦୯<br>୦.୦୨ | ୦.୦୨<br>୦.୦୨<br>୦.୦୨ | |
| ୨୫ | ୨୬୧ | ପ୍ରମୋଦ କୁମାର ଜେନା, ପି– ଚନ୍ଦ୍ରମଣି ଜେନା, ଜା– ଖଣ୍ଡାୟତ, ବା– ତମ୍ପୋ, ଗୋପୀନାଥ ପାତ୍ର, ପି– ଅନନ୍ତ ପାତ୍ର, ଜା– ମହାଲଏକ, ବା– ନିଜଗାଁ | ୧୫୧୫<br>୧୮୩<br>୧୯୩<br>୫୦୪ | ଘରବାରି<br>ବିଆଲି ଦୋଫସଲି<br>ବିଆଲି ଦୋଫସଲି<br>ବଗାୟତ–୨ | ୦.୦୮୫<br>୦.୧୭<br>୦.୩୦<br>୦.୨୧ | ୦.୦୮<br>୦.୦୫<br>୦.୩୦<br>୦.୧୮ | |
| ୨୬ | ୨୬୩ | ପାଟମଣି ପଟ୍ଟନାୟକ, ସ୍ୱା– ହରିହର ପଟ୍ଟନାୟକ, ଜା– କରଣ, ବା– ନିଜଗାଁ | ୧୫୧୧<br>୮୬ | ଘରବାରି<br>ପାଳ–୨ | ୦.୧୦<br>୦.୫୨ | ୦.୦୬<br>୦.୪୨ | |
| ୨୭ | ୨୭୫ | ପୋକ ରାଉତ, ପି– ଭିକାରି ରାଉତ, ଜା– ଖଣ୍ଡାୟତ, ବା– ନିଜଗାଁ | ୧୯୦ | ବିଆଲି ଦୋଫସଲି | ୦.୨୪ | ୦.୦୭ | |
| ୨୮ | ୨୮୧ | ବନମାଳି ମହାପାତ୍ର, ପି– କହ୍ନେଇ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୮୦ | ବିଆଲି ଦୋଫସଲି | ୦.୪୬ | ୦.୪୦ | |
| ୨୯ | ୨୮୬ | ବ୍ରଜକିଶୋର ପାତ୍ର, ପି– କାଙ୍ଗାଳି ପାତ୍ର, ଜା– ଖଣ୍ଡାୟତ, ବା– ନିଜଗାଁ | ୧୫୧୦ | ଘରବାରି | ୦.୧୧ | ୦.୦୭ | |
| ୩୦ | ୩୦୯ | ବାସୁଦେବ ମହାପାତ୍ର, ପି– ଗୋବର୍ଦ୍ଧନ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୫୨/ ୨୯୧୪ | ବାଜେଫସଲ –୧ | ୦.୧୯ | ୦.୦୨ | |
| ୩୧ | ୩୧୩ | ବିଛନ୍ଦ ପାତ୍ର, ପି– ଖତୁ ପାତ୍ର, ଜା– ଖଣ୍ଡାୟତ, ବା– ନିଜଗାଁ | ୨୦ | ପାଳ–୨ | ୦.୧୫ | ୦.୧୫ | |
| ୩୨ | ୩୧୫ | ବିଜୟ କୁ ମହାପାତ୍ର, ଅଜୟ କୁମାର ମହାପାତ୍ର, ପି– କୁଗୋଳ କିଶୋର ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୯୭ | ବିଆଲି ଦୋଫସଲି | ୦.୨୨ | ୦.୦୫ | |
| ୩୩ | ୩୩୩ | ବୈକୁଣ୍ଠ ନାୟକ, ପି– ଦୋଳି ନାୟକ, ଜା– ଗୋପାଳ, ବା– ତରଭା | ୪<br>୫୧ | ପାଳ–୨<br>ପାଳ–୨ | ୦.୮୦<br>୧.୪୫ | ୦.୨୮<br>୦.୨୦ | |
| ୩୪ | ୩୬୩ | ମୁକୁନ୍ଦ ଚରଣ ପାତ୍ର, ମୁରଲିଧର ପାତ୍ର, ସୁରେନ୍ଦ୍ର କୁମାର ପାତ୍ର, ପି– ଜୟକୃଷ୍ଣ ପାତ୍ର, ସାଉଁଟି ପାତ୍ର, ପି– ବନ୍ଧୁ ପାତ୍ର, ମାଗୁଣି ଚରଣ ପାତ୍ର, ଅନାଦି ଚରଣ ପାତ୍ର, ପି– ବିଦ୍ୟାଧର ପାତ୍ର, ଜା– ମହାଲାଏକ, ବା– ନିଜଗାଁ | ୩୦୩<br>୩୦୪<br>୩୦୫<br>୧୫୧୩ | ବିଆଲି ଦୋଫସଲି<br>ବିଆଲି ଦୋଫସଲି<br>ବିଆଲି ଦୋଫସଲି<br>ଘରବାରି | ୦.୧୦<br>୦.୦୬<br>୦.୦୬<br>୦.୧୫୨୧ | ୦.୧୦<br>୦.୦୬<br>୦.୦୬<br>୦.୧୧ | |
| ୩୫ | ୩୬୫ | ମଦର ଯେନା, ପି– ରତନ ଯେନା, ଅଖୋଳି ଯେନା, ସ୍ୱା– ରତନ ଯେନା, ସନାତନ ଯେନା, ପି– ଗିରିଧାରୀ ଯେନା, ଦିବାକର ଯେନା, ଭବନ ଯେନା, ରତନି ଯେନା, ପି– ଜଳି ଯେନା, ଜିତା ଯେନା, ସ୍ୱା– ଜଳି ଯେନା, ରଙ୍ଗ ଯେନା, ବନ୍ଧୁ ଯେନା, ପି– ଦୋଳି ଯେନା, ଘନ ଯେନା, ପି– ମକୁନ୍ଦ ଯେନା, ଭାବନ ଯେନା, ପି– ମହନ ଯେନା, ଜା– ପାଣ, ବା– ନିଜଗାଁ | ୧୦୯୪ | ବଗାୟତ– ୨ | ୦.୫୦ | ୦.୦୪ | |
| ୩୬ | ୩୯୪ | ରଥ ବାରିକ, ମୂକ୍ଷି ବାରିକ, ପି– ନିଧି ବାରିକ, ଗୌର ବାରିକ, ସ୍ୱା– ନିଧି ବାରିକ, ଗୋପାଳ ବାରିକ, ଗୁଣ୍ଡି ବାରିକ, ସାବିତ୍ରୀ ବାରିକ, ପି– ମଦନ ବାରିକ, ପଦ୍ମା ବାରିକ, ସ୍ୱା– ମଦନ ବାରିକ, ଜା– ଭଣ୍ଡାରି, ବା– ତରଭା | ୮୭ | ପାଳ– ୨ | ୦.୪୯ | ୦.୪୦ | |
| ୩୭ | ୪୦୧ | ରାଧିକା ପତି, ସ୍ୱା– ଧରଣୀଧର ପତି, ଜା– ବ୍ରାହ୍ମଣ, ବା– ତରଭା | ୪୮୧<br>୨୯୨ | ପାଳ–୨<br>ପାଳ–୨ | ୦.୧୦<br>୦.୦୬ | ୦.୦୬<br>୦.୦୪ | |
| ୩୮ | ୪୧୩ | ଲଳିତ ମୋହନ ଜଗଦେବ ମହାପାତ୍ର, ପି– ଗୋପୀ ଚରଣ ଜଗଦେବ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୫୪<br>୧୮୨ | ପାଳ–୨<br>ବିଆଲି ଦୋଫସଲି | ୦.୧୭<br>୦.୨୩ | ୦.୧୭<br>୦.୨୩ | |
| ୩୯ | ୪୧୪ | ଲବଣ୍ୟବତୀ ମାନଧାତା ମହାପାତ୍ର, ସ୍ୱା– କୃଷ୍ଣ ଚନ୍ଦ୍ର ମାନଧାତା ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୨୯୭ | ପାଳ–୨ | ୦.୦୮ | ୦.୦୮ | |
| ୪୦ | ୪୫୧ | ହରିହର ପଟ୍ଟନାୟକ, ପି– ଅନନ୍ତ ଚରଣ ପଟ୍ଟନାୟକ, ଜା– କରଣ, ବା– ନିଜଗାଁ | ୯୧୮ | ପାଳ–୩ | ୦.୦୮ | ୦.୦୪ | |
| ୪୧ | ୪୯୮ | କୃପୁ ସେଠୀ, ଅଦ୍ୱୈତ ସେଠୀ, ପି– ଭାଇଗ ସେଠୀ, ସପନ ସେଠୀ, ପି– ନାରଣ ସେଠୀ, କୃଷ୍ଣ ସେଠୀ, ପି– ଝୁଂଚି ସେଠୀ, ସୁଦାମ ଚରଣ ସେଠୀ, ପି– ଗୋପୀ ସେଠୀ, ଫକିର ସେଠୀ, ପି– କହ୍ନେଇ ସେଠୀ, ଜା– ଧୋବା, ବା– ନିଜଗାଁ | ୯୭<br>୯୮<br>୯୯ | ବାଜେଫସଲ –୧<br>ବାଜେଫସଲ –୧<br>ବାଜେଫସଲ –୧ | ୦.୦୫<br>୦.୦୪<br>୦.୦୫ | ୦.୦୫<br>୦.୦୪<br>୦.୦୫ | |
| ୪୨ | ୫୦୭ | ଗିରିଧାରୀ ମହାପାତ୍ର, ଶ୍ରୀନାଥ ମହାପାତ୍ର, ପି– ଅଇଁଠୁ ମହାପାତ୍ର, ଜା– ଚୁହାନ ଛତ୍ରି, ବା ନିଜଗାଁ | ୨୯୯<br>୪୭୭ | ପାଳ–୨<br>ବିଆଲି | ୦.୦୯<br>୦.୧୨ | ୦.୦୭<br>୦.୧୦ | |
| ୪୩ | ୫୦୮ | ଗିରିଧାରୀ ମହାପାତ୍ର, ପି– ଅଇଁଠୁ ମହାପାତ୍ର, ଜା– ଚୁହାନ ଛତ୍ରି, ବୈଷ୍ଣବ ଚରଣ ମହାନ୍ତି, ପି– ଗଙ୍ଗାଧର ମହାନ୍ତି, ଜା– କରଣ, ବା– ନିଜଗାଁ, ବେ.ଖ.ସୂ.ଦ. ଗିରିଧାରୀ ମହାପାତ୍ର ଖାତା ରୟତ ରେ.ଦ.ନ.୧୦୦୬ ତା୦୧.୦୩.୧୯୬୮ | ୧୦୯୫ | ବାଜେଫସଲ –୧ | ୦.୯୦ | ୦.୦୬ | |
| ୪୪ | ୫୦୯ | ଗୋକୁଳାନନ୍ଦ ମହାପାତ୍ର, ପି– ଅନ୍ତର୍ଯ୍ୟାମୀ ମହାପାତ୍ର ଓଗେର ଜା– ଚୁହାନ ଛତ୍ରି, ବା– ନିଜଗାଁ (OEA Case No.39/92 ଆଦେଶ ମତେ ଦା.ଖା. କରାଯାଇ ନୂତନ ଖାତା ନଂ.୬୧୯/୦୧–ଆବାଦ ଯୋଗ୍ୟ ଅନାବାଦୀ) | ୫୨/ ୨୬୧୮<br>୧୪୯ | ପାଳ–୨<br>ବାଜେଫସଲ –୧ | ୦.୦୫<br>୦.୧୪ | ୦.୦୩<br>୦.୧୪ | OEA Case No. 39/ 92 ଆଦେଶ ମତେ ଡା.ଖା. ୬୧୯/୧ |
| ୪୫ | ୫୩୭ | ନାରାୟଣ ବେହେରା, ପି– ଚେମେଇ ବେହେରା, ରଘୁନାଥ ବେହେରା, ପି– ଭାଗବତ ବେହେରା, ଗୋପୀନାଥ ବେହେରା, ପି– ଚନ୍ଦୁ ବେହେରା, ଜା– ଓଡ଼ ପଧାନ, ବା– ନିଜଗାଁ | ୪୭୮ | ବିଆଲି ଦୋଫସଲି | ୦.୧୦ | ୦.୦୮ | |
| ୪୬ | ୫୬୬ | ବିନୋଦ ବିହାରୀ ମହାପାତ୍ର, ପି– ନଟବର ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୯୬ | ବିଆଲି ଦୋଫସଲି | ୦.୧୮ | ୦.୦୩ | |
| ୪୭ | ୫୯୧ | ରବି ନାରାୟଣ ଜେନା, ପି– କୃଷ୍ଣ ଚନ୍ଦ୍ର ଜେନା, ଜା– ମହାଲାଏକ ବା – ବଡହାଟ ତ୍ରିଲୋଚନପୁର, ଜି– ବାଲେଶ୍ୱର, ହୃଦୟ ଚନ୍ଦ୍ର ମହାପାତ୍ର, ପି– ବୃନ୍ଦାବନ ମହାପାତ୍ର, ବଳରାମ ମହାପାତ୍ର, ପି– ଉମାକାନ୍ତ ମହାପାତ୍ର, ଦିନମଣି ମହାପାତ୍ର, ପି– ରାଧାକାନ୍ତ ମହାପାତ୍ର, ନବଘନ ମହାପାତ୍ର, ପି– ବିଛନ୍ଦ ସୁନ୍ଦରାୟ ମହାପାତ୍ର, କୃଷ୍ଣ ଚନ୍ଦ୍ର ମହାପାତ୍ର, ବନମାଳି ମହାପାତ୍ର, ପି– ବଂଶୀ ବଲ୍ଲଭ ମହାପାତ୍ର, କିଶୋର ଚନ୍ଦ୍ର ମହାପାତ୍ର, ରଘୁନାଥ ମହାପାତ୍ର, ଅଶୋକ କୁ ମହାପାତ୍ର, ପି– ବୈଷ୍ଣବ ଚରଣ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୪୮ | ବାଜେଫସଲ –୧ | ୦.୧୦ | ୦.୦୧ | |
| ୪୮ | ୫୯୯ | ଶଙ୍କରଷଣ ମହାପାତ୍ର, ପି– ହରି ପ୍ରସାଦ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୨୬ | ପାଳ–୨ | ୦.୭୨ | ୦.୩୫ | |
| ୪୯ | ୬୦୨ | ଭୂୟାଁ ଶରତ ଚନ୍ଦ୍ର ବିଦ୍ୟାଧର ମଙ୍ଗରାଜ ମହାପାତ୍ର, ପି– ଭୂୟାଁ ପୂର୍ଣ୍ଣ ଚନ୍ଦ୍ର ବିଦ୍ୟାଧର ମଙ୍ଗରାଜ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୪୯୮<br>୧୯ | ବାଜେଫସଲ –୧<br>ପତିତ | ୧.୧୩<br>୦.୨୦ | ୦.୫୨<br>୦.୨୦ | |
| ୫୦ | ୬୦୭ | ଭୂୟାଁ ଶରତ ଚନ୍ଦ୍ର ବିଦ୍ୟାଧର ମଙ୍ଗରାଜ ମହାପାତ୍ର, ମନ୍ମଥ ଚ ମହାପାତ୍ର, ସୁଶୀଳ ଚ ମହାପାତ୍ର, ପି– ଭୂୟାଁ ପୂର୍ଣ୍ଣ ଚନ୍ଦ୍ର ବିଦ୍ୟାଧର ମଙ୍ଗରାଜ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୯୩୭<br>୧୫୨୩<br>୧୫୨୪<br>୧୫୨୪/ ୨୮୭୩ | ପତିତ<br>ଘରବାରି<br>ଘରବାରି<br>ଘରବାରି | ୦.୧୯<br>୦.୦୩<br>୦.୭୮<br>୦.୩୨ | ୦.୧୯<br>୦.୦୩<br>୦.୩୦<br>୦.୧୬ | |
| ୫୧ | ୪୫୭/ ୧୧ | ଶ୍ରୀ ଭରତ ଚରଣ ପାତ୍ର, ପି– ଶିବ ପାତ୍ର, ଜା– ଖଣ୍ଡାୟତ, ବା– ନିଜଗାଁ | ୧୯୮ | ବିଆଲି ଦୋଫସଲି | ୦.୧୮ | ୦.୦୯ | |
| ୫୨ | ୪୫୭/ ୪୫ | ଶ୍ୟାମପଦ ମହାପାତ୍ର, ପି– ଶରତ ଚନ୍ଦ୍ର ମଙ୍ଗରାଜ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୫୦୮ | ଘରବାରି | ୦.୦୯ | ୦.୦୯ | |
| ୫୩ | ୪୫୭/ ୯୦ | ଲକ୍ଷ୍ମୀଧର ପଣ୍ଡା, ପି– ପରମାନନ୍ଦ ପଣ୍ଡା, ଜା– ବ୍ରାହ୍ମଣ, ବା– ନିଜଗାଁ | ୫୦୨ | ପାଳ–୩ | ୦.୩୦ | ୦.୦୫ | |
| ୫୪ | ୪୫୭/ ୧୦୦ | ମାଗୁଣି ଚରଣ ମହାପାତ୍ର, ପି– ଡୟରୁଧର ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୫୫<br>୧୫୨୨ | ପାଳ–୨<br>ଘରବାରି | ୦.୧୬<br>୦.୩୪ | ୦.୧୬<br>୦.୧୭ | |
| ୫୫ | ୪୫୭/ ୧୧୭ | ସୁବାସ ଛୋଟରାୟ ମହାପାତ୍ର, ପି– ପୀତାୟର ଛୋଟରାୟ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୦୦<br>୧୨୪<br>୫୨ | ପାଳ–୨<br>ପାଳ–୨<br>ପାଳ–୨ | ୦.୨୪<br>୦.୧୯<br>୦.୧୮ | ୦.୧୦<br>୦.୦୩<br>୦.୦୬ | |
| ୫୬ | ୪୫୭/ ୧୩୫ | ପଦ୍ମନାଭ ନାୟକ, ପି– ଭାଗବତ ନାୟକ, ଜା– ଜ୍ୟୋତିଷ, ବା– ନିଜଗାଁ | ୪୮୩ | ପାଳ–୩ | ୦.୨୨ | ୦.୧୭ | |
| ୫୭ | ୪୫୭/ ୩୪୧ | ସୁକାନ୍ତ ମହାପାତ୍ର, ପି– ସୁବୋଧ ଚନ୍ଦ୍ର ମହାପାତ୍ର, ଜା– ଖଣ୍ଡାୟତ, ବା– ନିଜଗାଁ | ୧୫୨୬<br>୧୫୨୬/ ୨୭୯୦ | ବଗାୟତ–୨<br>ବଗାୟତ–୨ | ୧.୦୪<br>୦.୧୨ | ୦.୫୦<br>୦.୦୭ | |
| ୫୮ | ୪୫୭/ ୧୭୯ | ପ୍ରଶାନ୍ତ କୁମାର ମହାପାତ୍ର, ପ୍ରଭାତ କୁମାର ମହାପାତ୍ର, ପି– ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୫୧୯ | ଘରବାରି | ୦.୧୩ | ୦.୦୬ | |
| ୫୯ | ୪୫୭/ ୨୧୮ | କାହ୍ନୁ ଚରଣ ମିଶ୍ର, ପି– ଭାଗୀରଥି ମିଶ୍ର, ଅହଲ୍ୟା ମିଶ୍ର, ସ୍ୱା– ଭାଗୀରଥି ମିଶ୍ର, ଜା– ବ୍ରାହ୍ମଣ, ବା– ନିଜଗାଁ | ୧୯୫ | ବିଆଲି ଦୋଫସଲି | ୦.୨୬ | ୦.୧୮ | |
| ୬୦ | ୪୫୭/ ୨୨୪ | ମଦନ ମହାପାତ୍ର, ପି– ନଟବର ମହାପାତ୍ର, ମହେନ୍ଦ୍ର ମହାପାତ୍ର, ପି– ଗଣନାଥ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୫୧ | ବାଜେଫସଲ –୨ | ୦.୩୦ | ୦.୩୦ | |
| ୬୧ | ୪୫୭/ ୨୫୭ | ନାରାୟଣ ସାହୁ, ପି– ଗୋପୀନାଥ ସାହୁ, ଜା– ତେଲି, ବା– ତରଭା | ୧୯୧<br>୨୦୦/ ୨୯୦୯ | ବିଆଲି ଦୋଫସଲି<br>ବିଆଲି ଦୋଫସଲି | ୦.୦୮<br>୦.୦୬ | ୦.୦୫<br>୦.୦୪ | |
| ୬୨ | ୪୫୭/ ୨୫୮ | ନାରାୟଣ ସାହୁ, ପି– ଗୋପିନାଥ ସାହୁ, ଜାତି– ତେଲି, ବା– ତରଭା | ୧୯୪<br>୨୦୦ | ବିଆଲି ଦୋଫସଲି<br>ବିଆଲି ଦୋଫସଲି | ୦.୩୧<br>୦.୧୪ | ୦.୩୧<br>୦.୦୩ | |
| ୬୩ | ୪୫୭/ ୨୬୩ | ନିମାଇଁ ଚରଣ ମହାପାତ୍ର, ପି– ନୀଳାୟର ମହାପାତ୍ର, ପିନାୟକ ମହାପାତ୍ର, ପି– ତପନ ମହାପାତ୍ର, ପ୍ରେମଲତା ମହାପାତ୍ର, ସ୍ୱା– ତପନ ମହାପାତ୍ର, କିରଣମୟୀ ମହାପାତ୍ର, ସ୍ୱା– ନୀଳାୟର ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୨୬<br>୧୫୦ | ବାଜେଫସଲ –୧<br>ବିଆଲି ଦୋଫସଲି | ୦.୨୬<br>୦.୧୯ | ୦.୨୬<br>୦.୧୯ | |
| ୬୪ | ୪୫୭/ ୨୬୪ | ନାରାୟଣ ସାହୁ, ପି– ଗୋପୀନାଥ ସାହୁ, ଜା– ତେଲି, ବା– ତରଭା | ୨୯୪ | ପାଳ–୨ | ୦.୨୨ | ୦.୦୮ | |
| ୬୫ | ୪୫୭/ ୨୭୯ | ପ୍ରଶାନ୍ତ କୁମାର ମହାପାତ୍ର, ପ୍ରଭାତ କୁ ମହାପାତ୍ର, ପବିତ୍ର ମୋହନ ମହାପାତ୍ର, ପି– ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସରୋଜ କୁ ମହାପାତ୍ର, ପି– ରାହାସ ବିହାରୀ ମହାପାତ୍ର, ପ୍ରଦତ କୁମାର ମହାପାତ୍ର, ପି– ସଞ୍ଜୟ କୁ ମହାପାତ୍ର, ଜା– ଚୁହାନ ଛତ୍ରି, ବା– ନିଜଗାଁ | ୧୫୧୮ | ଘରବାରି | ୦.୦୫ | ୦.୦୨ | |
| ୬୬ | ୩୭୮ | ମୁକ୍ତା ପାତ୍ର, ପି– ନବ ପାତ୍ର, ଜା– ଖଣ୍ଡାୟତ, ବା– ପଞ୍ଚୁପଲ୍ଲୀ | ୩ | ପାଳ–୨ | ୦.୧୭ | ୦.୧୭ | |
| | | ମୋଟ | | | ୨୬.୭୮୮ | ୧୪.୪୬ | |

OIPR-24045/14/0051/2122

**ସ୍ୱା./- ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର**

**ଖ୍ରୀଷ୍ଟିଆନ ହସ୍ପିଟାଲରେ ବିଏସ୍‌କେୱାଇ ଯୋଜନାର ସମୀକ୍ଷା**

ନବରଙ୍ଗପୁର,(ବି.ପ୍ର.)-ନବରଙ୍ଗପୁର ଜିଲା ସଦର ମହକୁମାସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଜନା ଅଧୀନରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଜିଲାପାଳ ଡ଼ଃ କମଳ ଲୋଚନ ମିଶ୍ର ଓ ଏସ୍‌ପି ପି.ଏସ୍.ପରୋଷତ୍ତମ ଦାସ। ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଖ୍ରୀଷ୍ଟିଆନ ହସ୍ପିଟାଲରେ କିପରି ରୋଗୀମାନେ ସେବା ପାଉଛନ୍ତି ସେ ସମ୍ପର୍କରେ ଜିଲାପାଳ ଓ ଏସ୍‌ପି ବୁଝିଥିଲେ। ସେଠାରେ ଏବେ ୧୩ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ସଫଳ ଅସ୍ତ୍ରପ୍ରଚାର ହୋଇଥିବା ଜଣାପଡିଛି। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ମାଗଣା ଚିକିତ୍ସା ପାଉଛନ୍ତି ବୋଲି ରୋଗୀମାନେ ଜିଲାପାଳଙ୍କୁ କହିଛନ୍ତି। ଏହି ସମୟରେ ଡିଆଇପିଆର୍‌ଓ ହଳଧର ନିଆଲ ଉପସ୍ଥିତ ଥିଲେ।

# ଜମି ଅଧିଗ୍ରହଣ ହେଲେ ଆରମ୍ଭ ହେବ ନିର୍ମାଣ କାମ

■ଜୟପୁର-ନବରଙ୍ଗପୁର ରେଳପଥ
■ଆଇନଜୀବୀ ସଂଘକୁ ରେଳ ବିଭାଗର ପତ୍ର

**ନବରଙ୍ଗପୁର,୧।୨(ବି.ପ୍ର.)**

୨୦୧୬-୧୭ରେ ମଞ୍ଜୁର ହୋଇଥିବା ଜୟପୁର-ନବରଙ୍ଗପୁର ରେଳପଥ ନିର୍ମାଣ କାମ ରାଜ୍ୟ ସରକାର ଜମି ଯୋଗାଇ ଦେବା ପରେ ଆରମ୍ଭ ହେବ। ଏ ନେଇ ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ରଙ୍କୁ ପୂର୍ବତଟ ରେଳପଥ ବିଭାଗର ଉପସଚିବ ୟୁ. କେ. ମିଶ୍ର ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏହି ନୂଆ ରେଳପଥ ପ୍ରକଳ୍ପ ପାଇଁ ୪୧.୯୦ କି.ମି.ର ସର୍ଭେ କାର୍ଯ୍ୟ ସମ୍ପନ୍ନ ହୋଇସାରିଛି। ଫେବୃୟାରୀ/ମାର୍ଚ୍ଚ ୨୦୧୮ରେ ସରକାରୀ, ବେସରକାରୀ ଓ ଜଙ୍ଗଲ ବିଭାଗ ଜମି ଯୋଗାଇ ଦେବାକୁ ରେଳ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି ଏହି ପତ୍ରରେ ସୂଚନା ଦିଆଯାଇଛି।

ରେଳପଥ ପାଇଁ ନବରଙ୍ଗପୁରରେ ୨୧ ହେକ୍ଟର ସରକାରୀ, ୮୯ ହେକ୍ଟର ବେସରକାରୀ ଓ କୋରାପୁଟ ଜିଲାରେ ୮୧ ହେକ୍ଟର ସରକାରୀ, ୨୪୮ ହେକ୍ଟର ବେସରକାରୀ ଏବଂ ୧୨ ହେକ୍ଟର ଜଙ୍ଗଲ ଜମି ଅଧିଗ୍ରହଣ ହେବ। ୭୪୮ କୋଟି ଟଙ୍କା ବ୍ୟୟ ଅଟକଳର ଏହି ନୂତନ ରେଳପଥ ପାଇଁ ୨୦୧୭ ମସିହାରେ ରେଳପଥ ବୋର୍ଡ ପ୍ରକଳ୍ପ ରିପୋର୍ଟ ଅନୁମୋଦନ କରିବା ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଉକ୍ତ ଚୁକ୍ତିନାମା ଅନୁଯାୟୀ ରାଜ୍ୟ ସରକାର ଜମି ଯୋଗାଇଦେବେ। ରେଳପଥ ନିର୍ମାଣ ଖର୍ଚ୍ଚ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହନ କରିବେ। ଏହି ରେଳପଥ ନିର୍ମାଣ ପରେ ନବରଙ୍ଗପୁରର ପୋଡାଲଗୁଡାରେ, କୋରାପୁଟ ଜିଲାର ଜୟନ୍ତୀ ଗିରି, ବୋରିଗୁମ୍ମା ଓ କାଳିଆଗୁଡାରେ ରେଳ ଷ୍ଟେସନ ହେବ। ନବରଙ୍ଗପୁର ଜିଲାର ୧୧ କି.ମି. ଓ କୋରାପୁଟ ଜିଲାର ୪୧ କି.ମି.ର ଏହି ରେଳପଥରେ ୨୭ଟି ଲେଭଲ୍ କ୍ରସିଂ, ଇନ୍ଦ୍ରାବତୀ ନଦୀ ଓ ପୁଟ୍ରା ନଦୀରେ ଦୁଇଟି ରେଳ ବ୍ରିଜ୍ ତିଆରି ହେବ। ଦୀର୍ଘ ୬ ବର୍ଷ ପରେ ମଧ୍ୟ ଜମି ଅଧିଗ୍ରହଣ କାର୍ଯ୍ୟ ଆଶାନୁରୂପ ହୋଇପାରିନି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମନ୍ୱୟ ରକ୍ଷାକରି ଏଥିପାଇଁ ତତ୍ପରତା ଦେଖାଇଲେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଜିଲା ଆଇନଜୀବୀ ସଂଘ ପକ୍ଷରୁ କୁହାଯାଇଛି। ଫେବୃୟାରୀ ୨୦୧୮ରୁ ଜମି ଅଧିଗ୍ରହଣ ପାଇଁ ରେଳ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ଜମି ଅଧିଗ୍ରହଣ କାହିଁକି ହୋଇପାରୁନାହିଁ, ଏହାର ସମୀକ୍ଷା କରି ତୁରନ୍ତ ଜମି ଯୋଗାଇ ଦେବାକୁ ଉଭୟ ଜିଲା ପ୍ରଶାସନ, ଓଡ଼ିଶା ସରକାରଙ୍କ ନିକଟରେ ଜିଲା ଆଇନଜୀବୀ ସଂଘ ତରଫରୁ ଅନୁରୋଧ କରାଯାଇଛି। ପ୍ରକାଶ ଯେ, ଗତ ଅଗଷ୍ଟରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନବରଙ୍ଗପୁର ଗସ୍ତ ସମୟରେ ଜୟପୁର-ନବରଙ୍ଗପୁର ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲା ଆଇନଜୀବୀ ସଂଘ ତରଫରୁ ତାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ୱାର୍ଡ ସଭ୍ୟ ପଦ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣ କରାନଯିବାରୁ ଭୋଟ ବର୍ଜନ ନିଷ୍ପତ୍ତି

ପାପଡ଼ାହାଣ୍ଡି,୧।୨(ଡି.ଏନ୍.ଏ.)-ୱାର୍ଡ଼ରେ ନାହାନ୍ତି ଅନୁସୂଚିତ ଜାତିର ଲୋକେ, କିନ୍ତୁ ସେମାନଙ୍କ ଲାଗି ୱାର୍ଡ ସଭ୍ୟ ପଦ ସଂରକ୍ଷିତ ରହିଛି। ଏହାକୁ ବିରୋଧ କଲା ପରେ ମଧ ୱାର୍ଡ ସଭ୍ୟ ପଦ ସଂରକ୍ଷଣରେ ପରିବର୍ତ୍ତନ ହେଲାନାହିଁ। ତେଣୁ ପାପଡ଼ାହାଣ୍ଡି ବ୍ଲକ ଘାଟଗୁଡ଼ା ପଞ୍ଚାୟତ କାଙ୍ଗମାଝିଗୁଡା ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ମଙ୍ଗଳବାର ଏକ ବୈଠକ କରି ନିଷ୍ପତ୍ତି ନେଇଛନ୍ତି। ସୂଚନାନୁଯାୟୀ, ଏହି ପଞ୍ଚାୟତର ୧ନଂ ୱାର୍ଡର ଜାନୀ ସାହି, ପାତ୍ର ସାହି ଆଉ ମନ୍ଦିର ସାହିର ୨୦୨ ଭୋଟର ରହିଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ୱାର୍ଡ ସଭ୍ୟ ଲାଗି ଅନୁସୂଚିତ ଜାତି (ପୁରୁଷ)ଙ୍କ ପାଇଁ ସଂରକ୍ଷିତ ରହିଛି। କିନ୍ତୁ ଏଠାରେ କେହି ଅନୁସୂଚିତ ଜାତି ସମ୍ପ୍ରଦାୟ ଲୋକ ନ ଥିବା ଗ୍ରାମବାସୀ କହିଛନ୍ତି। ଉକ୍ତ ୱାର୍ଡ଼ରେ ଅନୁସୂଚିତ ଜନଜାତି ଲୋକେ ଥିଲେ ମଧ ତାଙ୍କ ପାଇଁ ସଂରକ୍ଷଣ କରାଯାଇ ନାହିଁ। ନାମାଙ୍କନ ଦାଖଲ ସମୟରେ ୱାର୍ଡବାସୀ ଏ ସମ୍ପର୍କରେ ବିଡିଓଙ୍କୁ ଜଣାଇଥିଲେ। ୱାର୍ଡସଭ୍ୟ ପଦ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣ ରଖାଯାଉ ବୋଲି ଦାବି କରିଥିଲେ। ୱାର୍ଡରୁ କେହି ହେଲେ ନାମାଙ୍କନ ଦାଖଲ କରିନାହାନ୍ତି। ଅଭିଯୋଗ ପରେ ବି କୌଣସି ପରିବର୍ତ୍ତନ ହୋଇ ନ ଥିବାରୁ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ୱାର୍ଡ଼ବାସୀ ନିଷ୍ପତ୍ତି ନେଇଛନ୍ତି। ସାହିରେ ଜଣେ ହେଲେ ମଧ ଅନୁସୂଚିତ ଜାତିର ଲୋକ ନ ଥିବାବେଳେ ସେମାନଙ୍କ ପାଇଁ କିପରି ପଦ ସଂରକ୍ଷଣ କରାଗଲା ତାହାର ତଦନ୍ତ ଦାବି ହୋଇଛି। ଏ ନେଇ ବିଡିଓ ରଞ୍ଜିତା ମଲିକଙ୍କୁ ଯୋଗାଯୋଗ କରିବାରୁ ସଂରକ୍ଷଣ ପରିବର୍ତ୍ତନ ସେମାନଙ୍କ ହାତରେ ନାହିଁ। ଘଟଣା ସମ୍ପର୍କରେ ନିର୍ବାଚନ କମିଶନଙ୍କୁ ଜଣାଇବେ। ସେପଟୁ ନିର୍ଦ୍ଦେଶ ଆସିବା ପରେ ଡିରିଜରଭେସନ କରାଯାଇ ଭୋଟ କରାଯିବ ବୋଲି ସେ କହିଛନ୍ତି। ତେବେ ୨୪୮ ବୁଥରୁ ୧୨ଟି ୱାର୍ଡରେ ଏପରି ଘଟଣା ଦେଖିବାକୁ ମିଳିଛି, ଯେଉଁଠି କେହି ବି ନାମାଙ୍କନ ଦାଖଲ କରିନାହାନ୍ତି।

### ନିର୍ବାଚନୀ ପ୍ରଚାର ଆରମ୍ଭ କଲା ବିଜେଡି

ଡାବୁଗାଁ, ୧।୨ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାରେ ବ୍ଲକ ବିଜେଡି ପକ୍ଷରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ ହୋଇଛି। ବିଜେଡି ସମର୍ଥିତ ପ୍ରାର୍ଥୀଙ୍କପାଇଁ ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ଉପସ୍ଥିତିରେ ପ୍ରଚାର ଚାଲିଛି। ପ୍ରଚାର ସମୟରେ ବିଜେଡି ଜୋନ୍-୧ ଜିଲା ପରିଷଦ ପ୍ରାର୍ଥୀ ଗୁପ୍ତ ବିଶୋଇ, ଡାବୁଗାଁ ସରପଞ୍ଚ ପ୍ରାର୍ଥୀ ଜଗା ମାଝି, ଡଙ୍ଗରିଗୁଡା ସରପଞ୍ଚ ପ୍ରାର୍ଥୀ ରାଜ କୁମାର ଗଣ୍ଡଙ୍କୁ ଜିତାଇବାକୁ ଦଳୀୟ ନେତା ଓ କର୍ମୀ ପ୍ରଚାର ଆରମ୍ଭ କରିଛନ୍ତି।

### ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦାମନଯୋଡ଼ି,୧।୨(ଡି.ଏନ୍.ଏ.)-ନାଲ୍‌କୋ ଟାଉନସିପ ସରସ୍ୱତୀ ବିଦ୍ୟାମନ୍ଦିରର ବରିଷ୍ଠ ହିନ୍ଦୀ ଶିକ୍ଷୟିତ୍ରୀ ରାଜଶ୍ରୀ ତ୍ରିପାଠୀଙ୍କୁ ମଙ୍ଗଳବାର ଅବସରକାଳୀନ ବିଦାୟସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ଏହି ବିଦ୍ୟାମନ୍ଦିରରେ ୩୦ ବର୍ଷଧରି ଶିକ୍ଷାଦାନ କରିଆସୁଥିଲେ। କୋଭିଡ ନିୟମ ମାନି ଏକ ନିରାଡ଼ମ୍ବର ଉତ୍ସବରେ ବିଦ୍ୟାମନ୍ଦିର ପରିଚାଳନା କମିଟି ସମ୍ପାଦକ ଅଶୋକ ନାୟକ, ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଦୀପ କୁମାର ଜଗତିଙ୍କ ସହିତ ଶିକ୍ଷକ ପ୍ରତିନିଧି ଅଶୋକ ମହାନ୍ତି, ବରିଷ୍ଠ ଶିକ୍ଷକ ବସନ୍ତ ଦାସ, ଶିକ୍ଷୟିତ୍ରୀ ଚିନ୍ମୟୀ ନନ୍ଦ, ଶିକ୍ଷକ ନୃସିଂହ ପଟ୍ଟନାୟକ ଉପସ୍ଥିତ ରହି ତାଙ୍କ ଶିକ୍ଷାଦାନ,ଦକ୍ଷତା, କର୍ମକୁଶଳତା ଓ ଛାତ୍ର ବତ୍ସଳତାର ସ୍ମୃତିଚାରଣ କରିଥିଲେ।

### ଧାନ ଉଠୁନି, ଭୋଟ ଦେବୁନି

ଏମ୍‌ଭି ୭୯,୧।୨(ଡି.ଏନ.ଏ.)- ଜୋର ଧରିଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରଚାର। ପ୍ରାର୍ଥୀମାନେ ନିଜ ଅଞ୍ଚଳରେ ଗ୍ରାମକୁ ଗ୍ରାମ ବୁଲି ନିଜ ସପକ୍ଷରେ ପ୍ରଚର କରୁଛନ୍ତି। ତେବେ ଭାଜପାର ପ୍ରାର୍ଥୀମାନେ ପ୍ରଚାରକୁ ଆସିଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଘେରି ନିଜ ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ କରିବେ ବୋଲି ପ୍ରକାଶ କରିଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମପିଭି-୮୩ ଗ୍ରାମରେ। ଗ୍ରାମର ଶତାଧିକ ଚାଷୀଙ୍କ ମଣ୍ଡିରୁ ଏଯାଏ ଧାନ ଉଠି ନାହିଁ ଜନପ୍ରତିନିଧିଙ୍କୁ ବାରମ୍ବାର



ଜଣାଇ କିଛି ସୁଫଳ ମିଳିନି। ଏପରି କ୍ଷେତ୍ରରେ ସେମାନେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ଚାଷୀମାନେ କହିଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଏହି ଦାବିକୁ ଗୁରୁତର ସହ ନେଇ ଭାଜପା ଜିଲା ପ୍ରଶାସନ ସହ ଆଲୋଚନା କରିବ। ଦାବି ପୂରଣ ନ ହେଲେ ଜିଲାରେ ଚାଷୀଙ୍କ ସହ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଭାଜପା ଜିଲା ସଭାପତି ନିମାଇଁ ଚନ୍ଦ୍ର ପାଲ କହିଛନ୍ତି।

## ଗୁଣପୁର 'କ' ଜୋନ୍ ବିଜେଡି ପାଇଁ ସମ୍ମାନର ପ୍ରଶ୍ନ

■ ଜିଲା ପରିଷଦ ନିର୍ବାଚନ
■ ଗତ ସମସ୍ତ ନିର୍ବାଚନରେ କଂଗ୍ରେସ ହାତେଇଛି ଆସନ

**ଗୁଣପୁର,୧।୨(ଡି.ଏନ୍.ଏ.)**



ଶ୍ରୀଧର ଶବର



ଅଶ୍ୱିନୀ ଗମାଙ୍ଗ




ଇଗାନ୍ ଗମାଙ୍ଗ

ରାୟଗଡ଼ା ଜିଲା ଗୁଣପୁର ବ୍ଲକର ଦୁଇ ଜିଲା ପରିଷଦ ଆସନ ପାଇଁ ଆସନ୍ତା ୧୮ରେ ମତଦାନ ଅନୁଷ୍ଠିତ ହେବ। ସ୍ୱାଧୀନ ସହ ଦଳୀୟ ପ୍ରାର୍ଥୀମାନେ ଭୋଟ ପାଇଁ ପ୍ରଚାର ଜୋରଦାର କରିଛନ୍ତି। ବ୍ଲକର ଦୁଇ ଆସନରୁ 'କ' ଜୋନ୍ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଜୋନ୍‌ରେ ଭୀମପୁର, ଟିଟିମିରି, ଆବାଡ଼ା, ଶଗଡ଼ା,ପୁଟାସିଂ, ଟଲଣା, ଜଲତାର, ବାଗଶଳା, ଡମ୍ବସରା, ଚାଲକମ୍ବା ଏବଂ ଘାନାନ୍ତ୍ରି ଏପରି ୧୧ ପଞ୍ଚାୟତ ରହିଛି। ଏହି ଆସନ ଏବେ ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। କାରଣ ଏହି ଜୋନ୍‌କୁ ବିଜେଡି କେବେ ମଧ ନିଜ ଦଖଲକୁ ନେଇ ପାରିନାହିଁ। ଦଳର ସମସ୍ତ ରଣକୌଶଳ ଏଠାରେ ଫେଲ୍ ମାରିଛି।

ଚଳିତ ନିର୍ବାଚନରେ ବିଜେଡି ପକ୍ଷରୁ ଅଶ୍ୱିନି ଗମାଙ୍ଗଙ୍କୁ ପ୍ରାର୍ଥୀ କରି ସିଟ୍ ହାତେଇବାକୁ ଦଳ ଚେଷ୍ଟା କରିଛି। ଏହି ଜୋନ୍ ଅନ୍ତର୍ଗତ ଟିଟିମିରି ହେଉଛି ଅଶ୍ୱିନିଙ୍କ ନିଜ ଗାଁ। ଏଥିସହ ପୂର୍ବରୁ ସେ ଗୁଣପୁର 'ଖ' ଜୋନ୍‌ର ଜିଲା ପରିଷଦ ସଭ୍ୟ ମଧ ରହିଥିଲେ। ବ୍ଲକର ଅଧ୍ୟକ୍ଷ ପଦରେ ମଧ ଥରେ ରହିଥିଲେ। ଏହାକୁ ଆଧାର କରି ଦଳ ସେଠାରେ ବିଜୟ ଲାଭ କରିବ ବୋଲି ଆଶା ରଖିଛି। ୨୦୧୭ ନିର୍ବାଚନରେ କଂଗ୍ରେସର ଲକ୍ଷ୍ମୀ ଶବର, ୨୦୧୨ରେ ମାଥ୍ୟୁ ଦଳବେହେରା ପ୍ରମୁଖ ବିଜୟ ଲାଭ କରିଥିଲେ। ଲାଞ୍ଜିଆ ସୌରା ସମ୍ପ୍ରଦାୟ ବହୁଳ ଏହି ଅଞ୍ଚଳରେ କଂଗ୍ରେସ ପକ୍ଷରୁ ଟଲଣା ପଞ୍ଚାୟତ ରେଗେଇସିଂ ଗ୍ରାମର ଇଗାନ୍ ଗମାଙ୍ଗଙ୍କୁ ପ୍ରାର୍ଥୀ କରାଯାଇଛି। ଆବାଡା, ପୁଟାସିଂ, ଟଲଣା, ଜଲତାର ଏବଂ ଶଗଡ଼ା ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତର କେତେକ ସ୍ଥାନରେ ଲାଞ୍ଜିଆ ସୌରା ସମ୍ପ୍ରଦାୟର ଭୋଟର ସଂଖ୍ୟା ଅଧିକ। ଏହାକୁ ଆଧାର କରି କଂଗ୍ରେସ ପୁଣି ଥରେ ନିଜ ଗଡ଼ ସୁରକ୍ଷିତ ବୋଲି କହୁଛି। ସେହିପରି ଗତ ନିର୍ବାଚନରେ ଭାଜପା ପକ୍ଷରୁ ରାଜେଶ୍ୱରୀ ଶବର ପ୍ରାର୍ଥୀ ହୋଇଥିବାବେଳେ ଏବେ ତାଙ୍କ ସ୍ୱାମୀ ତଥା ଘନାନ୍ତ୍ରୀ ପଞ୍ଚାୟତ ମେରିଙ୍ଗି ଗ୍ରାମର ଶ୍ରୀଧର ଶବର ପ୍ରାର୍ଥୀ ହୋଇଛନ୍ତି। ସିପିଆଇଏମ୍ଏଲ୍ ପକ୍ଷରୁ ପୁଟାସିଂ ପଞ୍ଚାୟତ ରିଙ୍ଗିତାଲ ଗ୍ରାମରୁ ପ୍ରାର୍ଥୀ କରାଯାଇଛି। ସେହିଭଳି ଟଲଣା ଗ୍ରାମରୁ ସିପନ ଶବର ସ୍ୱାଧୀନ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱୀତା କରୁଛନ୍ତି। ବିଏସ୍‌ପିରୁ ଜଲତାର ପଞ୍ଚାୟତ ନୂଆଗାଁର ଡାପାନ ଶବର ପାର୍ଥୀ ରହିଛନ୍ତି। ଚଳିତ ନିର୍ବାଚନରେ 'କ' ଜୋନ୍ ପାଇଁ ଏପରି ୬ ପ୍ରାର୍ଥୀ ରହିଛନ୍ତି। ତେବେ ମୁଖ୍ୟତଃ କଂଗ୍ରେସ, ବିଜେଡି ଏବଂ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱୀତା ହେବା ଅନୁମାନ କରାଯାଉଛି। କଂଗ୍ରେସ ପାଇଁ ମଧ ଚଳିତ ନିର୍ବାଚନ ପରୀକ୍ଷାର ବିଷୟ ହୋଇଛି। କାରଣ ଲାଞ୍ଜିଆ ସୌରା ଅଞ୍ଚଳରୁ କଂଗ୍ରେସ ସହ ସିପିଆଇଏମ୍ଏଲ୍, ବିଏସ୍‌ପି ଏବଂ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ୪ ଜଣ ପ୍ରାର୍ଥୀ ରହିଛନ୍ତି। ଏହି ଜୋନ୍‌ରେ ୩୧,୦୨୩ ଭୋଟର ରହିଛନ୍ତି। ଯଦି ଏଠାରେ ଭୋଟ ବିଭାଜନ ହୁଏ ତେବେ ଏହାର ଫାଇଦା ବିଜେଡି ନା ଭାଜପା ସପକ୍ଷରେ ଯିବ ତାହା ଆଗାମୀ ସମୟ କହିବ। ସୂଚନାଯୋଗ୍ୟ, ଗତ ନିର୍ବାଚନରେ ବିଜେଡି ପକ୍ଷରୁ ମଞ୍ଜୁଳା ଗମାଙ୍ଗ ପ୍ରାର୍ଥୀ ହୋଇଥିଲେ। ସେତେବେଳେ କଂଗ୍ରେସ 'କ' ଜୋନ୍‌ରେ ବିଜୟୀ ହୋଇଥିବାବେଳେ ବିଜେଡି ଦ୍ୱିତୀୟ ଏବଂ ଭାଜପା ତୃତୀୟ ସ୍ଥାନରେ ରହିଥିଲା।

## ମାରଣାସ୍ତ୍ର ଦେଖାଇ ଘରୁ ସୁନା, ଟଙ୍କା ଲୁଟ୍

**ରାୟଗଡ଼ା ଅଫିସ,୧।୨**

ରାୟଗଡ଼ା ସହର କସ୍ତୁରୀ ନଗର ୧୨ ଲାଇନ୍‌ସ୍ଥିତ ଏମ୍. ସାବିତ୍ରୀଙ୍କ ଘରେ ସୋମବାର ରାତିରେ ଡକାୟତ ଗ୍ୟାଙ୍ଗ ପଶି ବେକରୁ ୩ ତୋଳାର ସୁନା ଚେନ୍ ଏବଂ ଘରେ ଥିବା ୩ ହଜାର ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଏମ୍. ସାବିତ୍ରୀ ଓ ତାଙ୍କ ସାନ ପୁଅ ଅମିତ ଶୋଇଥିବାବେଳେ ରାତି ୩ଟାବେଳେ ଡକାୟତମାନେ ଝରକା ତାଡ଼ି ଘରେ ପଶିଥିଲେ। ମା' ଓ ପୁଅଙ୍କୁ ଉଠାଇ ଘରେ ଥିବା ସମସ୍ତ ଟଙ୍କା ସୁନା ଦେବାକୁ କହିଥିଲେ। ହାତରେ ମାରଣାସ୍ତ୍ର ଧରିଥିବାବେଳେ ଚିତ୍କାର କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏହି ସମୟରେ ଅମିତ ସେମାନଙ୍କ କବଳରୁ ଖସି ଆସି ସାହି ପଡ଼ୋଶୀ ଲୋକଙ୍କୁ ଚିତ୍କାର କରି ଡାକିଥିଲେ। ଏହା ଶୁଣି ଦୁର୍ବୃତ୍ତମାନେ ସାବିତ୍ରୀଙ୍କ ବେକରୁ ୩ ତୋଳାର ସୁନା ଚେନ୍ ଝାମ୍ପି ନେବା ସହ କାନ୍ଥ ଡେଇଁ ଦୌଡ଼ି ପଳାଇଥିଲେ। ଖବର ପାଇଁ ମଙ୍ଗଳବାର ସକାଳେ ରାୟଗଡ଼ା ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦାସ, ଥାନାଧିକାରୀ ରଶ୍ମି ରଞ୍ଜନ ପ୍ରଧାନ ପହଞ୍ଚି ଡଗ୍ ସ୍କ୍ୱାର୍ଡ ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛନ୍ତି।

## ସିଆରପିଏଫ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ



**ବିଷମକଟକ,୧।୨(ଡି.ଏନ୍.ଏ.)-**

ରାୟଗଡ଼ା ଜିଲ୍ଲା ନିୟମଗିରି ପାହାଡ଼ ପାଦଦେଶରେ ଥିବା ବିଷମକଟକ ବ୍ଲକର ବାରିଗୁଡ଼ାଠାରେ ମଙ୍ଗଳବାର ସିଆରପିଏଫ୍ ୪ର୍ଥ ବାଟାଲିୟନ ପକ୍ଷରୁ ଏକ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କ ଯବାନଙ୍କ ପ୍ରତି ଥିବା ଭୟକୁ ଦୂର କରି ସେମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରି ଅଞ୍ଚଳକୁ ମାଓବାଦୀ ମୁକ୍ତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏଥିରେ ୪ର୍ଥ ବାଟାଲିୟନର କମାଣ୍ଡାଣ୍ଟ ମନୋଜ କୁମାର ଯାଦବ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୁରୁଚରଣ ସ୍ୱାଇଁଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ସିଆର୍‌ପିଏଫ୍ ଯବାନଙ୍କ ଉପସ୍ଥିତିରେ ବିଷମକଟକ ବ୍ଲକ କରଣଗୁଡ଼ା, ମଟକବାଡି, ଲଟାଗୁଡ଼ା ଆଦି ସାତପଦରର ୨୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୭୩ ଅଞ୍ଚଳବାସୀଙ୍କୁ ରେଡିଓ ଏବଂ ସୋଲାର ଲାଇଟ ବିତରଣ କରଯାଇଥିଲା। ବିଷମକଟକ ପୋଲିସ ଅଧିକାରୀ ମଧ ଉପସ୍ଥିତ ଥିଲେ ।

## ସମ୍ପତ୍ତି ପାଇଁ ଯୁବକଙ୍କୁ ହତ୍ୟା

**କାଲିମେଲା,୧।୨(ଡି.ଏନ.ଏ.)**

ମାଲକାନଗିରି ପଟେରୁ ଫାଣ୍ଡି ଅନ୍ତର୍ଗତ ସାନବଦିଲି ଗ୍ରାମରେ ସମ୍ପତ୍ତିବାଡି ବିବାଦକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ସାନବଦିଲି ଗ୍ରାମର ଜଗା ପଡିଆମି (୩୮)। ଜଗାକୁ ହତ୍ୟା କରିବା ଅଭିଯୋଗରେ ସାନ ବଦିଲି ଗ୍ରାମର ମୁକା ପଡିଆମି ଓ ତାଙ୍କ ସ୍ତ୍ରୀ କନ୍ଦେଇ ପଡିଆମିଙ୍କୁ ପଟେରୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ଜଗା ହେଉଛନ୍ତି ମୁକାଙ୍କ ସମ୍ପର୍କୀୟ। ଜମିବାଡି ବିବାଦକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ସର୍ବଦା ଗଣ୍ଡଗୋଳ ଲାଗି ରହୁଥିଲା। ଗତ ୨୯ ରାତିରେ ଜଗା ନିଜ ଜମିରେ ଥିବା କୁଡିଆ(ଲାଡି) ରେ ଶୋଇଥିବା ବେଳେ ମୁକା ଓ ତାଙ୍କ ସ୍ତ୍ରୀ କନ୍ଦେଇ ସେଠାରେ ପହଞ୍ଚି ଜଗାଙ୍କ ସହ ପାଟିତୁଣ୍ଡ କରିଥିଲେ। ଉଭୟେ ମିଶି ଏକ କାଠଫାଳିଆରେ ଜଗାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଜଗା ସେଠାରେ ଅଚେତ ଅବସ୍ଥାରେ ପଡିଯାଇଥିଲେ। ପରେ ମୁକା ଓ କନ୍ଦେଇ ଘଟଣା ସ୍ଥଳରୁ ଘରକୁ ପଳେଇ ଆସିଥିଲେ। ପରଦିନ ସକାଳେ ଜଗାଙ୍କ ନିଶ୍ୱାସ ଚାଲୁଥିବା ଦେଖି ପରିବାର ଲୋକେ ମେଡିକାଲ ନେବାକୁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ୩୧ରେ ପୋଟେରୁ ଫାଣ୍ଡିରେ ଅଭିଯୋଗ ହେବା ପରେ ପୋଲିସ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚାଲିଥିବା ସହକାରୀ ଅରକ୍ଷୀ ନିରୀକ୍ଷକ ସଞ୍ଜୟ କୁମାର ବଡସେଠୀ କହିଛନ୍ତି। ଦେଇଛନ୍ତି।

## ପାରା ଫରେଷ୍ଟ ଗାର୍ଡ, ଆନିମଲ ସ୍କ୍ୱାଡ୍ କର୍ମଚାରୀ ଘେରିଲେ ଡିଏଫ୍‌ଓ ଅଫିସ

**ଜୟପୁର, ୧।୨ (ନି.ପ୍ର.)**

ଜୟପୁର ବନଖଣ୍ଡ ଅଧୀନରେ କାର୍ଯ୍ୟରତ ପାରା ଫରେଷ୍ଟ ଗାର୍ଡ ଓ ଆନିମଲ ସ୍କ୍ୱାର୍ଡ କର୍ମଚାରୀ ମଙ୍ଗଳବାର ଡିଏଫଓ ଜେ.ପି. ସିଂଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।




ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିବା କର୍ମଚାରୀ।

ଆଉଟ ସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ କରିବା, ଛଟେଇ ବନ୍ଦ କରିବା, ଖାଲିଥିବା ଫରେଷ୍ଟ ଗାର୍ଡ ପଦରେ ୫୦ ପ୍ରତିଶତ ସ୍କ୍ୱାର୍ଡ କର୍ମଚାରୀଙ୍କୁ ପଦୋନ୍ନତି ଦେବା, କାଠ ମାଫିଆ ଆକ୍ରମଣରେ ଶିକାର ହେଉଥିବା କର୍ମଚାରୀଙ୍କୁ ସୁରକ୍ଷା ଦେବା, ସମାନ କାମକୁ ସମାନ ଦରମା, କାର୍ଯ୍ୟ ସମୟରେ କୌଣସି କାରଣରୁ କର୍ମଚାରୀଙ୍କ ମୃତ୍ୟୁ ଘଟିଲେ ତାଙ୍କ ପରିବାରଙ୍କୁ ୩୦ ଲକ୍ଷ ଟଙ୍କା ଦେବା, ଆକର୍ମଣ୍ୟ ହେଲେ ୧୫ ଲକ୍ଷ କ୍ଷତି ପୂରଣ ଦେବା ଆଦି ଦାବି ନେଇ କର୍ମଚାରୀମାନେ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିରେ ୧୨୦ ପାରା ଫରେଷ୍ଟ ଗାର୍ଡ ଓ ଆନିମଲ ସ୍କ୍ୱାର୍ଡ କର୍ମଚାରୀ ସାମିଲ ହୋଇଥିଲେ। ଜୟପୁର ଡିଭିଜନରେ ୬ଟି ରେଞ୍ଜ ଅଧୀନରେ ଏହି କର୍ମଚାରୀମାନେ ୧୫/୨୦ ବର୍ଷ ହେଲା ନିୟୋଜିତ ଅଛନ୍ତି। ଏନେଇ ଡିଏଫଓ ସିଂ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ଖବରଦାତା ସଞ୍ଜୀବ ଜୋଷୀଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

**ମାଲକାନଗିରି,୧।୨ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଧରିତ୍ରୀ ଜିଲା ପ୍ରତିନିଧି ସଞ୍ଜୀବ କୁମାର ଜୋଷୀଙ୍କ ଅକାଳ ବିୟୋଗରେ ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଏକ ସ୍ମୃତିସଭା ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତହୋଇଯାଇଛି। ସ୍ୱର୍ଗତ ଯୋଶୀ ଦୀର୍ଘ ୩୦ ବର୍ଷଧରି ଅନଗ୍ରସର କଳାହାଣ୍ଡି ଜିଲାରେ ସାମ୍ବାଦିକତା କ୍ଷେତ୍ରରେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରି ଆସୁଥିଲେ । ସେ ମଧ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ରହି ସମସ୍ତଙ୍କ ପ୍ରିୟ ହୋଇପାରିଥିଲେ। ତାଙ୍କ ବିୟୋଗ ସାମ୍ବାଦିକତା କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି କଲା ବୋଲି ଉପସ୍ଥିତ ସଂଘ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଏହି ଅବସରରେ ତାଙ୍କ ଅମରାତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ସଙ୍ଗଠନ ସମ୍ପାଦକ ଅଶୋକ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମହାନ୍ତି, ସମ୍ପାଦକ ସତ୍ୟ ନାରାୟଣ ଦାସ, ସହସମ୍ପାଦକ ସନୁ ଅନୁଗ୍ରୁ, କୋଷାଧ୍ୟକ୍ଷ ଶ୍ରୀନିବାସ ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠାରୁ ଖୋଲିବ ଜିଲାର ସବୁ ଧର୍ମାନୁଷ୍ଠାନ

**କୋରାପୁଟ,୧।୨(ସ୍ୱ.ପ୍ର.)-**

କୋରାପୁଟ ଜିଲାରେ ବୁଧବାରଠାରୁ ଜିଲାର ସମସ୍ତ ଧର୍ମାନୁଷ୍ଠାନ କୋଭିଡ ଗାଇଡଲାଇନ ପାଳନ କରି ଖୋଲିବାକୁ ଜିଲାପାଳ ଅବଦାଲ ଏମ୍. ଅଖତାର ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ଶାବର ଶ୍ରୀକ୍ଷେତ୍ର, ଗୁପ୍ତେଶ୍ୱର ସମେତ ସମସ୍ତ ମନ୍ଦିର, ଚର୍ଚ୍ଚ, ମସଜିଦ, ଗୁରୁଦ୍ୱାର ଆଦି ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ଭକ୍ତମାନେ ଦୁଇ ଲାଇନରେ ମାସ୍କ ପିନ୍ଧି ସାନିଟାଇଜରେ ହାତ ସଫା କରି ମନ୍ଦିର ଭିତରକୁ ଯାଇ ଠାକୁରଙ୍କୁ ଦର୍ଶନ କରିପାରିବେ।

## ବଜେଟ ପ୍ରତିକ୍ରିୟା

### ମାଲକାନଗିରି ପାଇଁ ନୈରାଶ୍ୟଜନକ



ଭାରତର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ଲୋକ ସଭାରେ ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ ଆଗତ କରିଛନ୍ତି। ଏହି ବଜେଟ ଏକ ସୁଦୃଢ ବିକଶିତ ଓ ଅର୍ଥନୈତିକ ସ୍ୱାବଲମ୍ବନଶୀଳ ବଜେଟ। ଭିତ୍ତିଭୂମିର ଅଭିବୃଦ୍ଧି, ଶିଳ୍ପ, କୃଷି, ଶିକ୍ଷା, ଗମନାଗମନ ଓ ଯୋଗାଯୋଗ କ୍ଷେତ୍ରରେ ଏହି ବଜେଟ୍ ଏ ମାଇଲଖୁଣ୍ଟ ସଦୃଶ ହେବ। ତେବେ ଗରିବ ଓ ମଧ୍ୟବର୍ତ୍ତ ପରିବାରଙ୍କ ପାଇଁ ଏହା ନୈରାଶ୍ୟଜନକ। ଆଗାମୀ ଦିନରେ ଦରଦାମ ନିୟନ୍ତ୍ରଣ ଓ ମୁଦ୍ରାସ୍ଫିତି ବୃଦ୍ଧି ସରକାରଙ୍କ ପାଇଁ ଏକ ଆହ୍ୱାନ ହେବ। ମାଲକାନଗିରି ଜିଲା ପାଇଁ ଏହି ବଜେଟ ନୈରାଶ୍ୟଜନକ। ଜୟପୁର-ମାଲକାନଗିରି ରେଳପଥ ସଂଯୋଗୀକରଣ, ବିମାନସେବା ପାଇଁ ବିମାନବନ୍ଦର ନିର୍ମାଣ ଲାଗି ବଜେଟରେ କୌଣସି ବ୍ୟୟ ବରାଦ ହୋଇ ନାହିଁ।

**-ରବୀନ୍ଦ୍ର କୁମାର ମହାରଣା, ଶିକ୍ଷାବିତ୍, ମାଲକାନଗିରି**

### ଆଶାନୁରୂପକ ବଜେଟ ହୋଇନାହିଁ



ସଂସଦରେ ମଙ୍ଗଳବାର ଆଗତ ବଜେଟ ଆଶାନୁରୂପକ ହୋଇନାହିଁ। ଡିଜିଟାଲ ଶିକ୍ଷା ଓ କୃଷି ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଥିବା ବେଳେ ମଧ୍ୟବିତ୍ତ, ନିମ୍ନ ମଧ୍ୟବର୍ତ୍ତ ଏବଂ ଗରିବ ଲୋକମାନଙ୍କ ନିମନ୍ତେ ଏହି ବଜେଟରେ ବିଶେଷ କିଛି ନାହିଁ। କ୍ରିପଟୋକରେନ୍ସି ପ୍ରଚଳନ ଅବଶ୍ୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ମାତ୍ର ଏହାଦ୍ୱାରା ଦେଶର ୨୦ ପ୍ରତିଶତରୁ କମ୍ ଲୋକ ଲାଭବାନ ହେବେ। ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ବିଭିନ୍ନ ଜନଜାତି ସମ୍ପ୍ରଦାୟଙ୍କ ଉନ୍ନତି ନେଇ ଚଳିତ ବଜେଟରେ କିଛି ବ୍ୟବସ୍ଥା ନାହିଁ।

**-ଭବଶ୍ରୀ କିରଣ ପଣ୍ଡା, ମହାବିଦ୍ୟାଳୟ ଛାତ୍ର, ମାଲକାନଗିରି**

### ସାମ୍ପ୍ରତିକ ମହଙ୍ଗା, ବେରୋଜଗାରୀ ପାଇଁ ବଜେଟରେ ବିଶେଷ ଆଶ୍ୱସ୍ତି ନାହିଁ



ଭାରତ ସରକାରଙ୍କ ୨୦୨୨-୨୩ ପାଇଁ ବଜେଟରେ କେତୋଟି ନୂତନ ପ୍ରସ୍ତାବ ରହିଛି। ୫ଜି ସେବା ସ୍ପେକ୍ଟ୍ରମ, ୨୦୨୫ ସୁଦ୍ଧା ଗ୍ରାମକୁ ଅପ୍ଟିକାଲ ଫାଇବର, ୩.୮କୋଟି ଲୋକଙ୍କୁ ପାନୀୟ ଜଳ, ମେଣ୍ଟାଲ ହେଲ୍‌ଥର ଉନ୍ନତି, ପିଏମ୍ ଇ ବିଦ୍ୟା, ଟିଭି ଜରିଆରେ ପାଠପଢ଼ା, ଆଞ୍ଚଳିକ ଭାଷାରେ ଶିକ୍ଷା, ଡିଜିଟାଲ କରେନ୍ସି ଅନ୍ୟତମ। କିନ୍ତୁ ଆୟକର ସୀମା ଅପରିବର୍ତ୍ତିତ ରହିଛି। ପ୍ରକୃତରେ କହିବାକୁ ଗଲେ ଏହି ବଜେଟ୍ ଦୂରଦୃଷ୍ଟି ସମ୍ପନ୍ନ କିନ୍ତୁ ସାମ୍ପ୍ରତିକ ମହଙ୍ଗା ଓ ବେରୋଜଗାରୀ ପାଇଁ ଏଥିରେ ବିଶେଷ ଆଶ୍ୱସ୍ତି ମିଳିନାହିଁ।

**-ଡକ୍ଟର ବିଜୟ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ**

### ଲୋକଙ୍କ ପାଇଁ ଅନୁକୂଳ ହେବନାହିଁ



କେନ୍ଦ୍ର ବଜେଟ୍ ୨୦୨୨-୨୩ ଲୋକଙ୍କ ପାଇଁ ଅନୁକୂଳ ହେବନାହିଁ। ଏହି ବଜେଟରେ ଗରୀବ ଓ ମଧ୍ୟବିତ ଶ୍ରେଣୀର ସାଧାରଣ ଲୋକେ କୌଣସି ଲାଭ ପାଇବେ ନାହିଁ। ସ୍ୱଳ୍ପ ବେତନ ଭୋଗୀ ସରକାରୀ ଓ ବେସରକାରୀ କର୍ମଚାରୀଙ୍କ ପାଇଁ କିଛି ଆଶାଜନକ ବ୍ୟବସ୍ଥା ନ ଥିବା ଉଦ୍‌ବେଗର କଥା। ଦେଶର ଯୁବତୀ ଯୁବକ ଏହି ବଜେଟ୍‌ଦ୍ୱାରା କୌଣସି ଲାଭ ପାଇବେ ନାହିଁ। ବଜେଟ୍‌ରେ ସ୍ୱାସ୍ଥ୍ୟ, ଶିକ୍ଷା, ଗୃହ, ଭିତ୍ତିଭୂମି ଓ ପ୍ରତିରକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି, ଯାହାକି ସ୍ୱାଗତ ଯୋଗ୍ୟ। କରୋନା ମହାମାରୀ ସମୟରେ ଏହି ବଜେଟ୍ କୃଷି ଓ ନୂତନ ଉଦ୍ୟୋଗ ପାଇଁ ସେଭଳି କିଛି ଆଶାଜନକ ଲାଭ ଦେବ ନାହିଁ।

**-ରାମ ପ୍ରସାଦ ପାତ୍ର, ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ସମ୍ପାଦକ**

### ବିକାଶଶୀଳ ବଜେଟ



ଚଳିତ ବଜେଟ ଏକ ବିକାଶଶୀଳ ବଜେଟ। ଶିକ୍ଷା, ଗମନାଗମନ, ପାନୀୟ ଜଳ, ଇ- ବ୍ୟାଙ୍କିଙ୍ଗ ଓ ଗ୍ରାମାଞ୍ଚଳର ବିକାଶ ଉପରେ ଏହା ଅଧାରିତ। ଏଥିରେ ଶିଳ୍ପ ଓ ଉଦ୍ୟୋଗ ବିକାଶ ଲକ୍ଷ୍ୟ ରଖାଯାଇଥିବାରୁ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**-ଡ. ପ୍ରକାଶ ପ୍ରଧାନ, ବାଣିଜ୍ୟ ବିଭାଗ ମୁଖ୍ୟ, ସରକାରୀ ମହାବିଦ୍ୟାଳୟ କୋରାପୁଟ**

### ଗ୍ରାମାଞ୍ଚଳ ପାଇଁ ମାଇଲ ଖୁଣ୍ଟ



ଏହା ଏକ ଗ୍ରାମାଞ୍ଚଳର ବିକାଶ ଓ ଗରିବ କଲ୍ୟାଣକାରୀ ବଜେଟ। ଇ-ଶିକ୍ଷା, ବ୍ୟାଙ୍କିଂ ଓ ନିଯୁକ୍ତି କ୍ଷେତ୍ରରେ ଏକ ମାଇଲଖଣ୍ଟ ପ୍ରସ୍ତୁତ କରିବ। କୃଷି କ୍ଷେତ୍ରରେ ନାବାର୍ଡ ସହାୟତାରେ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ ନେଇ ରହିଥିବା ପ୍ରସ୍ତାବ ଏକ ସୁଚିନ୍ତିତ ପଦକ୍ଷେପ।

**-ଅନିତା କୁଲଦୀପ, ଛାତ୍ରୀ ବାଣିଜ୍ୟ ବିଭାଗ, କୋରାପୁଟ**

### ଉପାନ୍ତ ଅଞ୍ଚଳ ପାଇଁ ଲାଭ ଆଶା କମ୍



ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ଆଞ୍ଚଳିକ ଭାଷାରେ ଟିଭି ମାଧ୍ୟମରେ ପାଠପଢ଼ା ବ୍ୟବସ୍ଥା କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ ସେବା ପହଞ୍ଚିପାରିନାହିଁ ଏବଂ ନେଟ୍‌ୱାର୍କ ସମସ୍ୟା ମଧ ରହିଛି। ତେଣୁ ପ୍ରତ୍ୟେକ ପିଲାଙ୍କ ପାଖରେ ଏହା ପହଞ୍ଚିବା ନେଇ ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ କୋଭିଡ୍ ପରିସ୍ଥିତିରେ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ବର୍ଗର ଲୋକେ ମାନସିକ ଅବସାଦ ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ ନ୍ୟାଶନାଲ ମେଣ୍ଟାଲ ହେଲ୍‌ଥ କାର୍ଯ୍ୟକ୍ରମ ଏକ ପ୍ରଭାବୀ ଯୋଜନା। ଡାକ୍ତରଙ୍କ ଅଭାବ ପୂରଣ ଓ ନିରନ୍ତର ସେବା ପ୍ରଦାନ କରାଗଲେ ଏହା ଅଧିକ ଫଳପ୍ରସୂ ହୋଇପାରିବ।

**-ଦ୍ୱିତୀ ଚନ୍ଦ୍ର ସାହୁ,ଶିକ୍ଷକ ଓ ସ୍ତମ୍ଭକାର, ରାୟଗଡ଼ା**

### ଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳିବ



ଚଳିତ ବଜେଟ ପ୍ରଥମକରି ଏକ ପ୍ରଗତୀଶୀଳ ବଜେଟ। ଭୋଟବ୍ୟାଙ୍କଠାରୁ ଊର୍ଦ୍ଧ୍ୱରେ ରହି ଏହି ବଜେଟ କରାଯାଇଛି। ଯାହାଦ୍ୱାରା ଦେଶ ଅଧିକ ମଜବୁତ ହୋଇପାରିବ। ଯୁବକମାନଙ୍କୁ ନୂତନ ନିଯୁକ୍ତି ସୁଯୋଗ ମିଳିପାରିବ । ସେହିପରି ଚଳିତ ଆୟକର ଟ୍ୟାକ୍ସ ବୃଦ୍ଧି ପାଇ ନ ଥିବାରୁ ସମସ୍ତ ସରକାରୀ କର୍ମଚାରୀ ଲାଭବାନ ହେବେ।

**-ଡାକ୍ତର ରତିକାନ୍ତ ଖଟୁଆ, ଜିଲା ମୁଖ୍ୟ ଚିକିତ୍ସାଳୟ ଜୟପୁର**

## ଜିଲା ପରିଷଦ ପ୍ରାର୍ଥୀଙ୍କୁ ଅପହରଣ

**ପ୍ରଚାର ନ କରିବାକୁ ଦେଲେ ଧମକ**

**ମାଲକାନଗିରି, ୧।୨ (ଡି.ଏନ.ଏ.)**

ମାଲକାନଗିରିରେ ଭାଜପାର ଜଣେ ଜିଲା ପରିଷଦ ପ୍ରାର୍ଥୀଙ୍କୁ ଅପହରଣ କରାଯାଇ ତାଙ୍କୁ ନିର୍ବାଚନ ପ୍ରଚାର ନ କରିବାକୁ ଧମକ ଦିଆଯାଇଛି। ସେ ହେଲେ କୋରୁକୋଣ୍ଡା ବ୍ଲକ ଜୋନ-୨ର ପ୍ରାର୍ଥୀ ପ୍ରଦୀପ ମାଡ଼କାମି। ପ୍ରଦୀପ ସୋମବାର ସକାଳୁ ଗାଡିରେ ପେଟ୍ରୋଲ ପକାଇ ଯାଉଥିବା ବେଳେ ତାଙ୍କୁ ୩ ଜଣ ଅଜଣା ଯୁବକ ଅଟକାଇ ଅପହରଣ କରି ନେଇଥିଲେ। ତାଙ୍କୁ ଚିତ୍ରକୋଣ୍ଡା ଅଭିମୁଖେ ନେଇଯାଇ ସେଠାରେ ଧମକଚମକ ଦେଇ ନିର୍ବାଚନ ପ୍ରଚାର ନ କରିବା ପାଇଁ ଚେତାବନୀ ଦେଇଥିଲେ।



ଅପହୃତ ହୋଇ ଫେରିଥିବା ଭାଜପା ପ୍ରାର୍ଥୀ ପ୍ରଦୀପ ମାଡକାମି ।

ଏନେଇ ସେ ନିଜ ଭାଜପାକର୍ମୀଙ୍କୁ ସୂଚନା ଦେଇଥିଲେ। କର୍ମୀମାନେ ତାଙ୍କ ନିକଟରେ ପହଞ୍ଚିଥିଲେ। ପରେ ଅପହରଣକାରୀ ମାନେ ତାଙ୍କୁ ଛାଡ଼ି ଦେଇଥିଲେ। ସେମାନଙ୍କ କବଳରୁ ମୁକୁଳିବା ପରେ ପ୍ରଦୀପ ଜଙ୍ଗଲ ରାସ୍ତା ଦେଇ ଗ୍ରାମକୁ ଫେରିଥିଲେ। ସେମାନଙ୍କ ସହ ଆଲୋଚନା କରି ପ୍ରଦୀପ ରାତିରେ ଓର୍କେଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜିଲା ପରିଷଦ ପ୍ରାର୍ଥୀଙ୍କୁ ଏପରି ଅପହରଣ ନେଇ କିଛି ସ୍ପଷ୍ଟ ହୋଇ ନ ଥିବା ବେଳେ ଏତଲାକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ଗତ ୨୧ରେ ମଧ ପ୍ରଦୀପଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବାକୁ ଧମକ ମିଳିଥିଲା।

